# ସାଂପ୍ରତିକ ନିର୍ବାଚନ ବ୍ୟବସ୍ଥା- କତିପୟ ପ୍ରଶ୍ନ

ଓଡିଶାରେ ଚତୁର୍ଦ୍ଦଶ ଲୋକସଭା ଓ ତ୍ରୟୋଦଶ ବିଧାନସଭା ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । କିନ୍ତୁ ଏଥିପାଇଁ ନିର୍ବାଚନୀ ପ୍ରଶାସନ ଓ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ମଧ୍ୟରେ ଯେତିକି ଧାଁ ଧପଡ ଓ ତତ୍ପରତା ଦେଖାଯାଉଛି, ତାହା ତୁଳନାରେ ସାଧାରଣ ଭୋଟର୍‌ଙ୍କ ମତିଗତି ସେତିକି ଉଦାସ ଓ ନିସ୍ପୃହ ଜଣାପଡୁଛି । ଏହି ପ୍ରକାର ଏକ ଦ୍ୱୈତ ଦୃଶ୍ୟପଟ ଆମଦେଶ ପାଇଁ ମୋଟେ ନୂଆ ନୁହେଁ । ସ୍ୱାଧୀନତା ପରେ ଅଦ୍ୟାବଧି ଯେତେ ସବୁ ନିର୍ବାଚନ ହୋଇଯାଇଛି, ପ୍ରତିଟି କ୍ଷେତ୍ରରେ ଉପରୋକ୍ତ ବିଲକ୍ଷଣଟି ଅଳ୍ପବହୁତ ମାତ୍ରାରେ ଦେଖା ଯାଇଥିଲା । ଏହା କହିବା ବାହୁଲ୍ୟ ଯେ, ନିର୍ବାଚନରେ ଖର୍ଚ୍ଚ ହେଉଥିବା ଟଙ୍କା, ନିର୍ବାଚିତ ପ୍ରତିନିଧିମାନଙ୍କୁ ମିଳୁଥିବା ଦରମା, ଭତ୍ତା, ସୁବିଧାସୁଯୋଗ, ରିହାତି ଇତ୍ୟାଦି ସହିତ ଆଞ୍ଚଳିକ ଉନ୍ନୟନ ପାଣ୍ଠି ତଥା ପ୍ରତିନିଧି ସଭାଗୁଡିକର ପରିଚାଳନା ବାବଦ ଯେଉଁ ବିପୁଳ ଅର୍ଥବ୍ୟୟ ରାଜକୋଷରୁ ହୋଇଥାଏ, ତାହା ବାସ୍ତବରେ ଚୂଡାନ୍ତଭାବେ ନାଗରିକଙ୍କ ପକେଟ୍‌ରୁ ହିଁ ଯାଇଥାଏ । ପୁଣି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ହେଉଛନ୍ତି ଜନସେବକ ( Public Servants), ଯେଉଁମାନେ କି ରାଜକୋଷରୁ ଦରମାନେଇ ନାଗରିକମାନଙ୍କ ସ୍ୱାର୍ଥପାଇଁ ନିଯୁକ୍ତ ଅଛନ୍ତି । ନିର୍ବାଚିତ ପ୍ରତିନିଧିମାନେ ଆଇନ୍‌ସଭାକୁ ଯାଇ ଯାହା ସବୁ କରନ୍ତି, ତାହା ସାଧାରଣ ନାଗରିକଙ୍କ ଜୀବନ ଓ ଭାଗ୍ୟକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁଳ ଭାବେ ନିୟନ୍ତ୍ରଣ କରିଥାଏ । ସୁତରାଂ ଜଣେ ନାଗରିକ ନିର୍ବାଚନ ପ୍ରକ୍ରିୟା ପ୍ରତି ଉଦାସୀନ ବା ନିସ୍ପୃହ ରହିବା ଏକ ଆତ୍ମଘାତୀ ଆଚରଣ । ଜଣେ ନାଗରିକ କୌଣସି ଦଳ ବା ପ୍ରତିନିଧି ପାଇଁ ଆଗ୍ରହୀ ନ ଥାଇପାରନ୍ତି, କିନ୍ତୁ ଯେଉଁ ପ୍ରକ୍ରିୟାରେ ନିର୍ବାଚନ ହେଉଛି, ସେ ବିଷୟରେ ମୁଣ୍ଡ ଖେଳାଇବା ଓ ମତପ୍ରକାଶ କରିବାର ଅଧିକାର ଓ ଦାୟିତ୍ୱ ତାଙ୍କର ଅଛି, ଏଥିରେ ସନ୍ଦେହ ନାହିଁ ।

ଦେଶର ଜଣେ ସାଧାରଣ ନାଗରିକ ଭାବେ ଏହି ଲେଖକଙ୍କ ମୁଣ୍ଡକୁ ଯେଉଁ କେତେକ ପ୍ରଶ୍ନ ଆନ୍ଦୋଳିତ କରିଛି, ସେଥି ମଧ୍ୟରୁ ନିମ୍ନୋକ୍ତ ୬ଟି ସମ୍ବନ୍ଧରେ ଅବତାରଣା କରାଯାଉଛି ଏବଂ ଆଶା କରାଯାଏ ବିଜ୍ଞ ପାଠକମାନେ ଏହି ପ୍ରସଙ୍ଗରେ ନିଜେ ମୁଣ୍ଡ ଖେଳାଇବେ ।

## ୧) ସଂଖ୍ୟାନ୍ୟୂନଙ୍କ ଦ୍ୱାରା ସଂଖ୍ୟାଗରିଷ୍ଠଙ୍କ ଉପରେ ଶାସନ

ଆମ ଦେଶର ସଂସଦୀୟ ଗଣତନ୍ତ୍ରରେ ବିଲାତୀ ଓଏଷ୍ଟମିନିଷ୍ଟର ଢାଞ୍ଚାରେ ଥିବା ଏଫ.ପି.ଟି.ପି.( FPTP – First Past The Post ) ବ୍ୟବସ୍ଥା ତଥା ବହୁଦଳୀୟ ପ୍ରଥା ଫଳରେ ଜଣେ ପ୍ରାର୍ଥୀ ମୋଟ୍ ଭୋଟଦାତାଙ୍କ ଭିତରୁ ସଂଖ୍ୟାଗରିଷ୍ଠ ଭୋଟ୍ ପାଉ ନଥିଲେବି, ସେ ସଂଖ୍ୟାଗରିଷ୍ଠ ଜନମତର ପ୍ରତିନିଧି ଭାବେ ଆଇନ୍‌ସଭାକୁ ନିର୍ବାଚିତ ହୋଇପାରୁଛି । ଏହି କାରଣରୁ ଆଇନ୍‌ସଭାରେ ସଂଖ୍ୟାଗରିଷ୍ଠ ପ୍ରତିନିଧିମାନଙ୍କୁ ନେଇ ଯେଉଁ ଦଳ ବା ମେଣ୍ଟ ସରକାର ଗଢୁଛି, ସେମାନେ ପାଇଥିବା ସମୁଦାୟ ଭୋଟ୍ ମୋଟ୍ ଭୋଟ୍‌ଦାତାଙ୍କ ସଂଖ୍ୟା ତୁଳନାରେ ସଂଖ୍ୟାନ୍ୟୂନ ହୋଇରହୁଛି । ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ, ସଂଖ୍ୟାଗରିଷ୍ଠ ଭୋଟର୍ ଚାହୁଁନଥିବା ବ୍ୟକ୍ତି ବର୍ତ୍ତମାନ ବ୍ୟବସ୍ଥାରେ ସଂଖ୍ୟାଗରିଷ୍ଠଙ୍କ ପ୍ରତିନିଧି ବୋଲି ବିଜୟଲାଭ କରୁଛି । ଦୃଷ୍ଟାନ୍ତ ସ୍ୱରୂପ, ଯଦି ଏକ ନିର୍ବାଚନ ମଣ୍ଡଳୀରେ ମୋଟ୍ ୩ ଜଣ ପ୍ରାର୍ଥୀ ( କ, ଖ ଓ ଗ) ଓ ମୋଟ୍ ୧୦୦ ଜଣ ଭୋଟ୍‌ଦାତା ଥାନ୍ତି, ଏବଂ ସେମାନେ ଯଥାକ୍ରମେ ୩୫, ୩୩ ଓ ୩୨ ଲେଖାଁ ଭୋଟ୍ ପାଆନ୍ତି, ତେବେ ୩୫ ଭୋଟ୍ ପାଇଥିବା 'କ' ବିଜୟୀ ବୋଲି ଘୋଷିତ ହେବେ, ଯଦିଓ ୬୫ ଜଣ (ଯୋହାକି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ) ତାଙ୍କ ବିରୁଦ୍ଧରେ ଭୋଟ୍ ଦେଇଛନ୍ତି ।

ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ (National Commission to Review the Working of the Constitution-2002) ଦେଇଥିବା ତଥ୍ୟ ଅନୁଯାୟୀ, କେତେକ ରାଜ୍ୟରେ ଏପରିକି ଶତକଡା ୮୫ରୁ ୯୦ଭାଗ ପ୍ରାର୍ଥୀ ସଂଖ୍ୟାନ୍ୟୂନ ଭୋଟ୍ ପାଇ ସାଂସଦ ଓ ବିଧାୟକ ହୋଇପାରିଛନ୍ତି । ଉତ୍ତରପ୍ରଦେଶର ଗତ ୩ଟି ବିଧାନସଭା ନିର୍ବାଚନରେ ହାରାହାରି ଶତକଡା ମାତ୍ର ୧୧ ଭାଗ ବିଜୟୀ ପ୍ରାର୍ଥୀ ସଂଖ୍ୟାଗରିଷ୍ଠ ଭୋଟ୍ ପାଇଥିଲେ । ସେହିପରି ବିହାରରେ ଶତକଡା ମାତ୍ର ୧୮, ମଧ୍ୟପ୍ରଦେଶରେ ୪୦, ଆସାମରେ ୨୯ ଏବଂ କର୍ଣ୍ଣାଟକରେ ୩୧ ଭାଗ ପ୍ରାର୍ଥୀ ସଂଖ୍ୟାଗରିଷ୍ଠ ଭୋଟ୍ ପାଇବାକୁ ସମର୍ଥ ହୋଇଥିଲେ । ବାକୀ ବିଶାଳସଂଖ୍ୟକ ପ୍ରାର୍ଥୀ ସଂଖ୍ୟାନ୍ୟୂନ ଭୋଟ୍ ପାଇ ବିଜୟୀ ହୋଇଥିଲେ । ଜାତୀୟ ସ୍ତରରେ ଗତ ୩ଟି ଲୋକସଭା ନିର୍ବାଚନରେ ଶତକଡା ୬୬ ଭାଗରୁ ଅଧିକ ସଂଖ୍ୟକ ବିଜୟୀ ପ୍ରାର୍ଥୀ ସଂଖ୍ୟାନ୍ୟୂନ ଭୋଟ୍ ପାଇଥିଲେ ।

ଦିଲ୍ଲୀର ସି.ଏଚ୍.ଆର୍.ଆଇ. ( CHRI) ସଂସ୍ଥାଙ୍କ ସୂଚନା ଅନୁଯାୟୀ ଗତ ୧୯୯୯ ଲୋକସଭା ନିର୍ବାଚନରେ ଏନ.ଡି.ଏ. ମେଣ୍ଟ ମୋଟ୍ ୫୪୫ ସ୍ଥାନରୁ ସଂଖ୍ୟାଗରଷ୍ଠ ୨୯୯ ଟି ସ୍ଥାନ ହାସଲ କରିଥିଲା ବେଳେ, ସେମାନେ ପାଇଥିବା ଭୋଟ୍ ସଂଖ୍ୟା ମୋଟ୍ ଭୋଟ୍‌ଦାତାଙ୍କ ସଂଖ୍ୟାର ମାତ୍ର ଶତକଡା ୪୧ ଭାଗ ଥିଲା ( ଦ୍ରଷ୍ଟବ୍ୟ- The Right to Know: A Voter's Guide, by CHRI and VANI, 2003) । ଏହା ଏବେକାର ଚିତ୍ର ନୁହେଁ । ସ୍ୱାଧୀନତା ପରେ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଯେଉଁ ୩ଟି ସାଧାରଣ ଲୋକସଭା ନିର୍ବାଚନ ହୋଇଥିଲା (୧୯୫୨, ୫୭ ଓ ୬୨) ସେଥିରେ କଂଗ୍ରେସ ଦଳ ଗୃହମଧ୍ୟରେ ସ୍ଥାନ ହିସାବରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ହେଁ , ସେମାନେ ପାଇଥିବା ମୋଟ୍ ଭୋଟ୍ ସଂଖ୍ୟା ସମୁଦାୟ ଭୋଟ୍‌ଦାତାଙ୍କର ଯଥାକ୍ରମେ ଶତକଡା ୪୫, ୪୭ ଓ ୪୪.୭ ଭାଗ ଥିଲା । ଅର୍ଥାତ୍ ସଂଖ୍ୟାଗରିଷ୍ଠ ଭୋଟ୍‌ଦାତା (ଶତକଡା ୫୫, ୫୩ ଓ ୫୫.୩ ଭାଗ)ଙ୍କ ମତ ବିରୁଦ୍ଧରେ ହିଁ ନେହେରୁଙ୍କ ଦଳ ଗୋଟାଏ ପରେ ଆଉ ଗୋଟାଏ ସରକାର ଗଢିଥିଲା ।

***ସୁତରାଂ ପ୍ରଶ୍ନ ଉଠୁଛି, ବର୍ତ୍ତମାନ ଗଣତନ୍ତ୍ର ବା ସଂଖାଗରିଷ୍ଠର ଶାସନ ନାଁରେ ଚାଲିଥିବା ସଂଖ୍ୟାନ୍ୟୂନ ଗୋଷ୍ଠୀଙ୍କ ଶାସନ ବ୍ୟବସ୍ଥା କେତେଦୂର ଯଥାର୍ଥ ?***

## ୨) ଅରାଜକତାର ମୂଳ ଉତ୍ସ- ଅଙ୍କୁଶବିହୀନ ରାଜନୈତିକ ଦଳ

ଆମ ଦେଶରେ ଅନ୍ୟସମସ୍ତ ସଂଗଠନ ଗୁଡିକର ଆଭ୍ୟନ୍ତରୀଣ ଓ ବାହ୍ୟ କାର୍ଯ୍ୟଧାରାକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଆଇନ୍ ଥିଲେ ହେଁ, ରାଜନୈତିକ ଦଳଗୁଡିକୁ ସାମଗ୍ରୀକ ଭାବେ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ୍ ନାହିଁ । ଦେଶର ଶାସନ ବ୍ୟବସ୍ଥାରେ ସେମାନେ ଭଲ ହେଉ ବା ଖରାପ ହେଉ, ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରୁଥିଲେ ହେଁ, ରାଜନୈତିକ ଦଳମାନଙ୍କ ସମ୍ବନ୍ଧରେ ଆମ ସମ୍ବିଧାନରେ ୧୯୮୫ ମସିହାର ୫୨ତମ ସଂବିଧାନ ସଂଶୋଧନ ଆଇନ୍ ପର୍ଯ୍ୟନ୍ତ କୌଣସି ଉଲ୍ଲେଖ ନଥିଲା । ଏହି ଆଇନ୍ ଗୃହୀତ ହେଲାପରେ ସମ୍ବିଧାନରେ ଦଶମ ସାରଣୀ ( Tenth Schedule) ଯୋଡାଗଲା, ଯାହାକି

ପୁଣି କେବଳ ଦଳବଦଳ ସଂପର୍କୀତ । ଏହାଛଡ଼ା, ଯେଉଁ ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୧ ( Representation of People Act 1951) ଅଛି, ଏବଂ ଏହାର କାର୍ଯ୍ୟକାରିତା ପାଇଁ ନିର୍ବାଚନ କମିଶନ୍ ଅଛନ୍ତି, ସେଗୁଡିକର ଦଳ ସହିତ ସଂପର୍କ କେବଳ ନିର୍ବାଚନକୁ କେନ୍ଦ୍ର କରି । ସୁତରାଂ ଗୋଟିଏ ରାଜନୈତିକ ଦଳ ନିର୍ବାଚନ ସମୟ ଛଡା ଅନ୍ୟ ସମୟରେ କେଉଁଠୁ ଅର୍ଥ ସଂଗ୍ରହ କରୁଛି ଓ କେଉଁ ବାଟରେ ଖର୍ଚ୍ଚ କରୁଛି, ଏସବୁର ହିସାବ ରଖିବା ବା ସେ ସମ୍ବନ୍ଧରେ ସରକାରଙ୍କ ସମେତ ଅନ୍ୟକାହାକୁ ସୂଚନା ଦେବା ପାଇଁ ସେମାନେ ଆଇନତଃ ବାଧ୍ୟ ନୁହନ୍ତି । ଗଣତନ୍ତ୍ରର ପ୍ରହରୀ ବୋଲି ଲୋକଙ୍କ ପାଖରେ ନିଜକୁ ଦାବୀ କରୁଥିବା ରାଜନୈତିକ ଦଳମାନେ ନିଜେ ଦଳଭିତରେ ବିଭିନ୍ନ ସ୍ତରରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଇ ଦଳପତି ବାଛୁଛନ୍ତି କି ନାହିଁ, ତାହା ତଦାରଖ କରିବାପାଇଁ କୌଣସି ଆଇନ୍ ବା ବ୍ୟବସ୍ଥା ନାହିଁ । ଅପରାଧି ଓ ଅସାମାଜିକ ବ୍ୟକ୍ତି ଓ ଗୋଷ୍ଠୀମାନେ ଯେ କୌଣସି ଦଳଭିତରେ ପଶିବାରେ ଓ ଦଳକୁ ଆଇନ୍ ସଭା ଭିତରେ ଓ ବାହାରେ ପ୍ରତିନିଧିତ୍ୱ କରିବାରେ କୌଣସି ଆଇନ୍‌ଗତ କଟକଣା ନାହିଁ । ସମସ୍ତ ସରକାରୀ ଓ ଅର୍ଦ୍ଧସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ବେସରକାରୀ ସଂସ୍ଥାଗୁଡିକରେ ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ, ଏହା କୌଣସି ରାଜନୈତିକ ଦଳ ପାଇଁ ଲାଗୁ ନୁହେଁ । ସୂଚନାର ସ୍ୱାଧିନତା ଆଇନ୍–୨୦୦୨ ଅନୁଯାୟୀ ସମସ୍ତ ସରକାରୀ ଓ ନ୍ୟାୟିକ କର୍ତ୍ତୃପକ୍ଷ ସାଧାରଣ ନାଗରିକଙ୍କୁ ସୂଚନା ଦେବାପାଇଁ ଉତ୍ତରଦାୟୀ ହୋଇଥିଲେହେଁ, ରାଜନୈତିକ ଦଳମାନଙ୍କ ପାଇଁ ଏହା ଲାଗୁ ନୁହେଁ । ଏହିସବୁ କାରଣରୁ ରାଜନୈତିକ ଦଳଗୁଡିକ ଲଗାମହୀନ ହୋଇ ଅପରାଧ, କଳାଧନ, ଗୁଣ୍ଡାମି ଓ ସାଂପ୍ରଦାୟିକତାର ଗୋଟିଏ ଗୋଟିଏ ଖୋଲାମଞ୍ଚ ହୋଇଯାଇଛି । ଏହି ଲଗାମହୀନ ଚରିତ୍ର ଯୋଗୁଁ ସେମାନେ ନିର୍ବାଚନ ବେଳେ ଯେନତେନ ପ୍ରକାରେଣ ଜିଣିବା ପାଇଁ ନାନାଦି ଅପକୌଶଳର ଆଶ୍ରୟ ନେଉଛନ୍ତି, ଓ ସେହି କାରଣରୁ ନିର୍ବାଚନ ଅବାଧ, ମୁକ୍ତ ଓ ନିରପେକ୍ଷ ହୋଇପାରୁନି । ସମ୍ବିଧାନ ଓ ଆଇନ୍ ହିଁ ସେମାନଙ୍କର ଲଗାମଛଡା ଚରିତ୍ର ଓ କାରବାରକୁ ପ୍ରଶ୍ରୟ ଦେଇଚାଲିଛି ।

***ବର୍ତ୍ତମାନ ପ୍ରଶ୍ନ ଉଠୁଛି, ରାଜନୈତିକ ଦଳମାନଙ୍କୁ ବର୍ତ୍ତମାନର ଅଙ୍କୁଶବିହୀନ ସ୍ଥିତିରେ ବଜାୟ ରହିବାକୁ ଦିଆଯିବ ନା ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍‌ଙ୍କ ପ୍ରସ୍ତାବ ଅନୁଯାୟୀ ସେମାନଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଏକ ସାମଗ୍ରୀକ ଆଇନ୍ ପ୍ରଣୀତ ହେବ ?***

## ୩) କଳାଧନ ସୃଷ୍ଟିର ମୂଳ ଉତ୍ସ – ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୧

ଏହି ଆଇନ୍‌ର ଧାରା ୭୭ (୧) ଅନୁଯାୟୀ ମନୋନୟନ ତାରିଖଠାରୁ ନିର୍ବାଚିତ ହୋଇ ସଭ୍ୟପଦର ଶପଥ ନେବା ପର୍ଯ୍ୟନ୍ତ ଜଣେ ପ୍ରାର୍ଥୀ ପାଇଁ ହୋଇଥିବା ଖର୍ଚ୍ଚର ହିସାବ ଏକ ନିର୍ଦ୍ଧାରିତ ଫର୍ମରେ ରଖାଯିବ ଓ ଶପଥ ଗ୍ରହଣର ୩୦ ଦିନ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରାଯିବ । କିନ୍ତୁ ଏହି ଧାରାର ସ୍ପଷ୍ଟୀକରଣ-୧[77(1) Explanation-1]ରେ କୁହାଯାଇଛି ଯେ, କେବଳ ପ୍ରାର୍ଥୀ ନିଜେ ଓ ତାଙ୍କ ଏଜେଣ୍ଟ କରିଥିବା ଖର୍ଚ୍ଚ ଉପରୋକ୍ତ ହିସାବ ପରିସରକୁ ଆସିବ । ଦଳ, ପରିବାର, ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁମାନଙ୍କ ଦ୍ୱାରା ହୋଇଥିବା ବ୍ୟୟ ହିସାବ ପରିସରକୁ ଆସିବ ନାହିଁ । ସମସ୍ତେ ଜାଣନ୍ତି, ଜଣେ ପ୍ରାର୍ଥୀ ଏବଂ ତାର ଏଜେଣ୍ଟ ସାଧାରଣତଃ ଯେତିକି ଖର୍ଚ୍ଚ କରିଥାନ୍ତି, ତାର ବହୁ ଗୁଣରେ ଖର୍ଚ୍ଚ କରିଥାନ୍ତି ଦଳ ଓ ସମର୍ଥକ ଗୋଷ୍ଠୀ । ଯେହେତୁ ସେମାନଙ୍କର ଏହିସବୁ ଖର୍ଚ୍ଚ ହିସାବ ଭିତରକୁ ଆସିବାର ନାହିଁ, ତାହାକୁ କଳାଧନ ବୋଲି ଧରିନେବାକୁ ହେବ ଏବଂ ଏହିସବୁ ଖର୍ଚ୍ଚ ସାଧାରଣତଃ ଭୋଟର୍ ମାନଙ୍କୁ ନିଜପଟକୁ ଯେନତେନ ପ୍ରକାରେଣ ଟାଣିବା ପାଇଁ ନାନାଦି ବେନିୟମ କାରବାର ବାବଦରେ କରାଯାଇଥାଏ ।

ହିସାବ ରଖିବାପାଇଁ ନିର୍ଦ୍ଧାରିତ ଫର୍ମ ଏତେ ଉପରଠାଉରିଆ ହୋଇଛି ଯେ, ଏହାକୁ ଭିତ୍ତି କରି କୌଣସି ଅସାଧୁ କାରବାରକୁ ଧରିହେବନି କି ଯାଞ୍ଚ କରି ହେବନି । ଏହାଛଡା, ନିର୍ବାଚନ କମିଶନ୍ ଲୋକସଭା ଓ ବିଧାନସଭାର ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ବ୍ୟୟର ଯେଉଁ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିଛନ୍ତି, ତାହା କସ୍ମିନ୍ କାଳେ ଟପିଯିବାର ଆଶଙ୍କା ନାହିଁ । ପୁଣି ସୂଚିତ ଆଇନ୍‌ରେ କେବଳ ବ୍ୟୟ ହିସାବର ବ୍ୟବସ୍ଥା ଅଛି । କିନ୍ତୁ ଆୟର ହିସାବ ଦେବାପାଇଁ ଆଇନ୍ କହୁନାହିଁ । ସୁତରାଂ ଯେ କୌଣସି କଳାଧନର ମାଲିକ ନିଜର ନ୍ୟସ୍ତସ୍ୱାର୍ଥ ପାଇଁ ଖୋଲାଖୋଲି ଭାବେ ଜଣେ ପ୍ରାର୍ଥୀଙ୍କୁ ବିପୁଳ ଅର୍ଥସାହାଯ୍ୟ କଲେ ବି ଆଇନ୍ ଚକ୍ଷୁରେ ତାହା ଧର୍ତ୍ତବ୍ୟ ନୁହେଁ ।

***ସୁତରାଂ ବର୍ତ୍ତମାନ ପ୍ରଶ୍ନ ଉଠୁଛି, କଳାଧନର ଅବାଧ ଓ ମୁକ୍ତ କାରବାରକୁ ପ୍ରଶ୍ରୟ ଦେଉଥିବା ଲୋକପ୍ରତିନିଧିତ୍ୱ ଆଇନ୍ ୧୯୫୧ର ଧାରା ୭୭(୧) ଅନ୍ତର୍ଗତ ସ୍ପଷ୍ଟୀକରଣ-୧ ବଳବତ୍ତର ଥିବାଯାଏ ଆମେ ପ୍ରଚଳିତ ନିର୍ବାଚନ ପ୍ରକ୍ରିୟାକୁ ଅବାଧ, ମୁକ୍ତ ଓ ନିର୍ମଳ କେତେଦୂର କହିପାରିବା ? ଏହି ପରିପ୍ରେକ୍ଷୀରେ ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ କମିଶନ୍‌ଙ୍କ ସୁପାରିଶ୍ ଅନୁଯାୟୀ ସ୍ପଷ୍ଟୀକରଣ-୧ର ତୁରନ୍ତ ଉଚ୍ଛେଦ ଜରୁରୀ ନୁହେଁ କି ?***

## ୪) ନିର୍ବାଚନ କମିଶନ୍‌ଙ୍କ ନିର୍ଦ୍ଦେଶନାମା– ଅପରାଧ ଓ କଳାଧନକୁ ରୋକିବାରେ ଏକ ନିରସ ବ୍ୟବସ୍ଥା

ପ୍ରାର୍ଥୀମାନଙ୍କ ବିଷୟରେ ଭୋଟର୍‌ମାନଙ୍କର ଜାଣିବାର ଅଧିକାରକୁ ସାବ୍ୟସ୍ତ କରି ସୁପ୍ରିମ୍ କୋର୍ଟ ୨ମେ, ୨୦୦୨ ରେ ଯେଉଁ ରାୟ ଦେଇଥିଲେ, ତାହା ଭିତ୍ତିରେ ନିର୍ବାଚନ କମିଶନ୍ ୨୭ ମାର୍ଚ୍ଚ ୨୦୦୩ରେ ଏକ ସୁବିସ୍ତୃତ ନିର୍ଦ୍ଦେଶନାମା ଜାରି କରଛନ୍ତି । ଏହା ଅନୁଯାୟୀ ଆଗାମୀ ନିର୍ବାଚନରେ ପ୍ରତି ପ୍ରାର୍ଥୀ ନିଜର ଅପରାଧ ଇତିବୃତ୍ତି, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଲିକା, ସରକାର ଓ ସର୍ବସାଧାରଣ ଅନୁଷ୍ଠାନ ପାଖରେ ଥିବା ବକେୟା ଦେୟ ତଥା ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧୀୟ ତଥ୍ୟ ନିର୍ଦ୍ଧାରିତ ୫ଟି ଫର୍ମରେ ପୂରଣ କରି ଏବଂ ଆଫିଡେଭିଟ୍ କରି ମନୋନୟନ ପତ୍ର ସହ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ । କୌଣସି ବିରୋଧୀ ପ୍ରାର୍ଥୀ ଚାହିଁଲେ, ସେ ମଧ୍ୟ ଏହାର କାଉଣ୍ଟର-ଆଫିଡେଭିଟ୍ ଦାଖଲ କରିପାରିବେ । ନିର୍ବାଚନ ଅଧିକାରୀ ଉଭୟ ଆଫଡେଭିଟ୍ ଓ କାଉଣ୍ଟର-ଆଫିଡେଭିଟ୍‌କୁ ନିଜ ଦପ୍ତରର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ବିଜ୍ଞପ୍ତି ପାଇଁ ଝୁଲାଇ ଦେବେ, ତଥା ପ୍ରାର୍ଥୀମାନଙ୍କୁ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏଗୁଡିକର ମାଗଣା କପି ଯୋଗାଇ ଦେବେ । ନିର୍ବାଚନ କମିଶନ୍ ଉପରୋକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରିଦେଇଛନ୍ତି ଯେ, ଯଦି ଜଣେ ପ୍ରାର୍ଥୀ ସୂଚିତ ବିଷୟଗୁଡିକ ଉପରେ ଭୁଲ୍ ତଥ୍ୟ ଦେଇଥାନ୍ତି ବା ତଥ୍ୟ ଲୁଚାଇ ରଖିଥାନ୍ତି, ତେବେ ନିର୍ବାଚନ କମିଶନ୍ ଏହା ଉପରେ ଯାଞ୍ଚ କରିବା ବା ପ୍ରାର୍ଥୀପତ୍ର ଖାରଜ କରିବାର ପ୍ରଶ୍ନ ଉଠୁନାହିଁ । ସୁତରାଂ ଜଣେ ଅପରାଧୀ ବା କଳାଧନର ମାଲିକ ଏହି ନୂତନ ବ୍ୟବସ୍ଥା ଫଳରେ ନିର୍ବାଚନରେ ପ୍ରାର୍ଥୀ ହେବାର ସୁଯୋଗରୁ ବଞ୍ଚିତ ହେବେ ନାହିଁ । ବରଂ ଜଣଙ୍କ ଭିତରେ ଆଗରୁ ଯେତିକି ଡର ଥିବ, ଆଫିଡେଭିଟ୍ କରି ନିଜର ଅପରାଧ, ସମ୍ପତ୍ତି ଓ ବକେୟା ଦେୟ ଘୋଷଣା କରିଦେଲା ପରେ ସେହି ଡର ଚାଲିଯିବ ଓ ସେ ତାର ପୁରୁଣା

ଧନ୍ଦାଗୁଡିକୁ ଆହୁରି ବେପରୁଆ ଢଙ୍ଗରେ ବଜାୟ ରଖିବ । ସୁତରାଂ ନୂତନ ବ୍ୟବସ୍ଥାର ଆଶୀର୍ବାଦରେ ସଂପୂର୍ଣ୍ଣ ଆଇନସମ୍ମତ ଢଙ୍ଗରେ ନିର୍ବାଚନ ଓ ରାଜନୀତିରେ ଅପରାଧ ଓ କଳାଧନର ଏକ ମହାପ୍ଲାବନ ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି ।

***ସୁତରାଂ ପ୍ରଶ୍ନ ଉଠୁଛି, ଯେଉଁଠି ରାଷ୍ଟ୍ର ନିଜେ ଅପରାଧ ଓ କଳାଧନକୁ ସିଧାସଳଖ ଠାବ କରିବା ଓ ରୋକିବା ପାଇଁ ଅନିଚ୍ଛୁକ, ସେଠି ପ୍ରାର୍ଥୀ ନିଜ ସୁବିଧା ମୁତାବକ ଦେଇଥିବା ତଥ୍ୟକୁ କେବଳ ବିତରଣ ପାଇଁ ଆଇନ୍ କରଦେବା କେତେଦୂର ଯଥାର୍ଥ ?***

## ୫) ଅପରାଧୀ ସାଂସଦ ଓ ବିଧାୟକଙ୍କ ରକ୍ଷାକବଚ- ଲୋକ ପ୍ରତିନିଧିତ୍ୱ ଆଇନ୍ ୧୯୫୧

ଲୋକ ପ୍ରତିନିଧିତ୍ୱ ଆଇନ୍ ୧୯୫୧ର ଧାରା ୮ ଅନ୍ତର୍ଗତ ଉପଧାରା ୧, ୨ ଓ ୩ ରେ ବିଭିନ୍ନ ପ୍ରକାର ଅପରାଧର ବିସ୍ତୃତ ବିବରଣୀ ଦିଆଯିବା ସହିତ କୁହାଯାଇଛି ଯେ, ଯେଉଁ ଅପରାଧଗୁଡିକ ପାଇଁ କେବଳ ଜୋରମାନା ଦଣ୍ଡ ଥିବ, ସଂପୃକ୍ତ ବ୍ୟକ୍ତି ଦଣ୍ଡବିଧାନର ୬ ବର୍ଷ ଯାଏଁ ନିର୍ବାଚନରେ ପ୍ରାର୍ଥୀ ହେବାର ଯୋଗ୍ୟତା ହରାଇବେ, ଏବଂ ଯେଉଁ ଅପରାଧଗୁଡିକ ପାଇଁ ଜେଲ୍‌ଦଣ୍ଡର ବ୍ୟବସ୍ଥା ଥିବ, ସେ କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତି ଜେଲ୍‌ଦଣ୍ଡ ଭୋଗିସାରିବାର ୬ବର୍ଷ ପର୍ଯ୍ୟନ୍ତ ଅଯୋଗ୍ୟ ବୋଲି ଘୋଷିତ ହେବେ । ଆପାତ ଦୃଷ୍ଟିରେ ଏଭଳି ଆଇନ୍‌ଗତ ବ୍ୟବସ୍ଥା ସଂସଦୀୟ ରାଜନୀତିରେ ଅପରାଧୀକରଣ ଓ ଭ୍ରଷ୍ଟାଚାର ରୋକିବା ପାଇଁ ଯଥେଷ୍ଟ ବୋଲି ମନେ ହୁଏ । କିନ୍ତୁ ଏହି ଧାରାର ଉପଧାରା ୪ରେ ଏଭଳି ଏକ ବ୍ୟବସ୍ଥା ରଖାଯାଇଛି, ଯାହା ଫଳରେ ଉପରୋକ୍ତ କଡା ବ୍ୟବସ୍ଥାଟି ସଂପୂର୍ଣ୍ଣ ଭାବେ ଅକାମି ହୋଇ ପଡିବ । ସଂଶିତ ଉପଧାରା ୪ରେ କୁହାଯାଇଛି, ଅଭିଯୁକ୍ତ ବ୍ୟକ୍ତି ଯଦି ଜଣେ ସାଂସଦ କି ବିଧାୟକ ହୋଇଥାନ୍ତି, ତେବେ ଦଣ୍ଡ ଘୋଷଣାର ୩ ମାସ ମଧ୍ୟରେ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ । ଏବଂ ଏହି ତିନିମାସ ମଧ୍ୟରେ ସେ ଯଦି ଦଣ୍ଡବିଧାନର ପୁନର୍ବିଚାର ପାଇଁ ଉଦ୍ଦିଷ୍ଟ କୋର୍ଟ ନିକଟରେ ଆବେଦନ କରନ୍ତି, ତେବେ ଦଣ୍ଡର କାର୍ଯ୍ୟକାରିତା ସ୍ଥଗିତ ରହିବ, ସେତେଦିନ ଯାଏଁ ଯେ ପର୍ଯ୍ୟନ୍ତ ଆବେଦନର ଶୁଣାଣି ଶେଷ ନହୋଇଛି । ମନେକରନ୍ତୁ, କୋର୍ଟ ତାଙ୍କ ଆବେଦନକୁ ଖାରଜ କଲା । କିନ୍ତୁ ସେ ପୁଣି ଉପର କୋର୍ଟକୁ ୩ ମାସ ଭିତରେ ପୁନର୍ବିଚାର ପାଇଁ ଆବେଦନ କରି ତଳ କୋର୍ଟର ଦଣ୍ଡାଦେଶକୁ ଅନିର୍ଦ୍ଦିଷ୍ଟ କାଳପାଇଁ ପୂର୍ବ ଭଳି ଝୁଲାଇ ରଖି ପାରିବେ । ଏହି ପ୍ରଲମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ସେ ଅନାୟାସରେ ଲୋକ ପ୍ରତିନିଧି ରୂପେ ତାଙ୍କର କାର୍ଯ୍ୟକାଳ ସଂପୂର୍ଣ୍ଣ କରିପାରିବେ ।

***ବର୍ତ୍ତମାନ ଏହା ସ୍ପଷ୍ଟ ଯେ, ଲୋକ ପ୍ରତିନିଧିତ୍ୱ ଆଇନ୍ ୧୯୫୧ ର ଧାରା ୮ ଅନ୍ତର୍ଗତ ଉପଧାରା ୪ ବଳବତ୍ତର ଥିବା ଯାଏଁ କୌଣସି ନିର୍ବାଚିତ ପ୍ରତିନିଧି, ସେ ଯେତେ ବଡ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତୁ ନା କାହିଁକି, ଦଣ୍ଡ ଭୋଗିବାର କି ସଭ୍ୟପଦ ହରାଇବାର ସମ୍ଭାବନା ମୋଟେ ନାହିଁ । ବରଂ ଅପରାଧୀମାନଙ୍କୁ ସଂସଦ ଓ ବିଧାନସଭା ଗୁଡିକରେ ସ୍ଥାୟୀ ସୁରକ୍ଷା ଦେବାରେ ଏହି ବ୍ୟବସ୍ଥା ସହାୟକ ନୁହେଁ କି ?***

## ୬) ନିର୍ବାଚନ ମୋକଦ୍ଦମାର ଫଇସଲା ଓ ଦଣ୍ଡବିଧାନ ପ୍ରକ୍ରିୟା– ଏକ ପ୍ରହସନ ମାତ୍ର

ଲୋକ ପ୍ରତିନିଧିତ୍ୱ ଆଇନ୍ ୧୯୫୧ ର ଧାରା ୮କ ( 8A of Representation of People Act 1951 ) ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାରେ ଯଦି କେହି ପ୍ରାର୍ଥୀ ବେନିୟମ କାରବାର (Corrupt Practices) କରିଥାନ୍ତି, ତେବେ ହାଇକୋର୍ଟ ସେ ସଂକ୍ରାନ୍ତୀୟ ଅଭିଯୋଗର ବିଚାର କରି ତାଙ୍କୁ ଆଇନ୍‌ସଭାର ସଭ୍ୟପଦ ପାଇଁ ଅଯୋଗ୍ୟ ଘୋଷଣା କରିବେ । କିନ୍ତୁ ଏହି ଦଣ୍ଡଘୋଷଣା ସଙ୍ଗେସଙ୍ଗେ କାର୍ଯ୍ୟକାରୀ ହେବନାହିଁ । ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡାଦେଶକୁ ହାଇକୋର୍ଟ ପ୍ରଥମେ ସଂପୃକ୍ତ ଆଇନ୍‌ସଭାର ସଚିବଙ୍କ ପାଖକୁ ପଠାଇବେ । ସଚିବ ତାକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ । ରାଷ୍ଟ୍ରପତି ତାକୁ ନିର୍ବାଚନ କମିଶନ୍‌ଙ୍କ ପାଖକୁ ମତାମତ ପାଇଁ ପଠାଇବେ । ନର୍ବାଚନ କମିଶନ ନିଜର ମତାମତ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଲା ପରେ ରାଷ୍ଟ୍ରପତି ଦଣ୍ଡାଦେଶ ବା ଏହାର ଖାରଜକୁ କାର୍ଯ୍ୟକାରୀ କରିବା ପାଇଁ ଆଦେଶ ଦେବେ । ପୁଣି କିଏ କାହା ପାଖକୁ କେତେ ଦିନ ଭିତରେ ଦଣ୍ଡାଦେଶର କାଗଜପତ୍ର ପଠାଇବେ, ସେ ବିଷୟରେ ମଧ୍ୟ ଆଇନ୍ ନୀରବ । ପ୍ରତି ନିର୍ବାଚନରେ ପ୍ରାର୍ଥୀମାନଙ୍କ ଦ୍ୱାରା ବହୁ ବେନିୟମ କାରବାର ଘଟୁଥିଲେ ହେଁ , ନିର୍ବାଚନ ମୋକଦ୍ଦମାରେ ଦଣ୍ଡାଦେଶ କାର୍ଯ୍ୟକାରିତାର ଦୀର୍ଘସୂତ୍ରୀ ପ୍ରକ୍ରିୟା ଯୋଗୁଁ ଲୋକସଭା ବା ବିଧାନସଭାକୁ ନିର୍ବାଚିତ ହୋଇଥିବା ଜଣେ ସଭ୍ୟ ନିଜର ସଭ୍ୟପଦ ହରାଇବାର ସମ୍ଭାବନା ମୋଟେ ନାହିଁ । ସେହିପରି ହାଇକୋର୍ଟଗୁଡିକ ବେନିୟମ କାରବାର ସଂକ୍ରାନ୍ତ ମୋକଦ୍ଦମାଗୁଡିକୁ ଅନିର୍ଦ୍ଦିଷ୍ଟ କାଳପାଇଁ ପକେଇ ରଖିବା ଫଳରେ କେଶ୍ ଫଇସଲା ହେଉହେଉ ଅନେକ ସ୍ଥଳରେ ଅଭିଯୁକ୍ତ ସଭ୍ୟଙ୍କ କାର୍ଯ୍ୟକାଳ ପୁରିଯାଉଛି । ଏପରି ସ୍ଥଳେ ଦଣ୍ଡାଦେଶ ଘୋଷିତ ହେବା ନହେବା ଏକା କଥା । ଦୃଷ୍ଟାନ୍ତ ସ୍ୱରୂପ, ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ-୨୦୦୨ ଦେଇଥିବା ତଥ୍ୟ ଅନୁଯାୟୀ ୧୯୯୯ ଲୋକସଭା ନିର୍ବାଚନରେ ବେନିୟମ କାରବାର ସଂକ୍ରାନ୍ତୀୟ ମୋଟ ୬୪ଟି ମୋକଦ୍ଦମା ଦାଏର କରାଯାଇଥିଲା । ତନ୍ମଧ୍ୟରୁ ମାତ୍ର ୨ଟି ଫଇସଲା ହୋଇପାରଛି, ବାକୀ ୬୨ଟି ପଡିରହିଛି ।

***ସୁତରାଂ ପ୍ରଶ୍ନ ଉଠୁଛି, ନିର୍ବାଚନ ପ୍ରକ୍ରିୟାରେ ଅବୈଧ କାରବାର କରି ଜିତୁଥିବା ପ୍ରାର୍ଥୀମାନଙ୍କୁ ଘଣ୍ଟ ଘୋଡାଉଥିବା ନ୍ୟାୟିକ ଓ ପ୍ରଶାସନିକ ପ୍ରକ୍ରିୟାକୁ ଜନ୍ମ ଦେଉଥିବା ଲୋକ ପ୍ରତିନିଧିତ୍ୱ ଆଇନ୍‌ର ଧାରା ୮କ ବଳବତ୍ତର ଥିବା ଯାଏ ଆମର ସାଂସଦ ଓ ବିଧାୟକମାନେ ଅଧିକରୁ ଅଧିକ ବେଆଇନ୍ କାରବାରର ଆଶ୍ରୟ ନେବେ ନାହିଁ କି ?***

ଏହିଭଳି ପ୍ରଚଳିତ ନିର୍ବାଚନୀ ଆଇନ୍ ଓ ପ୍ରଶାସନ ସମ୍ବନ୍ଧରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେଇବାର ଅବକାଶ ରହିଛି । ଏସବୁ ବିଶେଷ ପ୍ରଶ୍ନ ଗୁଡିକରୁ ଆଉ ଏକ ମୌଳିକ ପ୍ରଶ୍ନ ଆପେଆପେ ଉତ୍‌ଥାପିତ ହୋଇଯାଉଛି, ତାହା ହେଲା, ଭାରତର ସ୍ୱତନ୍ତ୍ର ସ୍ଥିତିରେ ଓ୍ୱେଷ୍ଟମିନିଷ୍ଟର ଢାଞ୍ଚାର ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା କେତେଦୂର ପ୍ରଯୁଜ୍ୟ ? ଏହି ମୌଳିକ ପ୍ରଶ୍ନ ଗାନ୍ଧୀ, ଶ୍ରୀମନ ନାରାୟଣ, ବିନୋବା, ଜୟପ୍ରକାଶ ଓ ଲୋହିଆ ଇତ୍ୟାଦି ରାଷ୍ଟ୍ରବିତ୍ ମାନେ ବିଭିନ୍ନ ସମୟରେ ଉଠାଇଥିଲେ, ଯଦିଓ ଘଟଣାକ୍ରମେ ଓ ତାଜା ବାସ୍ତବତା ସାମନାରେ ସେମାନେ ଏହି ମୌଳିକ ପ୍ରଶ୍ନରୁ ନିଜେ ସତର୍କତାର ସହ ଓହରି ଆସିଥିଲେ । ଏହି ଲେଖକ ମତରେ ଦେଶର ରାଷ୍ଟ୍ରବ୍ୟବସ୍ଥା ସେତେବେଳେ ହୁଏତ୍ ଏଭଳି ଏକ ସର୍ବାତ୍ମକ ସଙ୍କଟର ସମ୍ମୁଖୀନ ହୋଇନଥିଲା, ଯାହାକି ଆଜି ଦେଖାଯାଉଛି । ତେଣୁ ଅତୀତରେ ଏହି ମୌଳିକ ପ୍ରଶ୍ନ ଉପରେ ଏକ ବ୍ୟାପକ ବିତର୍କ କରିବାପାଇଁ ରାଷ୍ଟ୍ର କି ଜନତା, କେହି ପ୍ରସ୍ତୁତ ନଥିଲେ । କିନ୍ତୁ ଆଜି ସେହି ମୁହୂର୍ତ୍ତ ଆସିଛି, ଯେତେବେଳେ ଉଭୟ ରାଷ୍ଟ୍ର ଓ ନାଗରିକ ତ୍ରାହି ତ୍ରାହି ଡାକୁଛି ।

**ଚିତ୍ତ ବେହେରା, ୪ଏ, ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯, ଫୋନ୍- ୨୬୨୧୦୯୭**